ରେକର୍ଡ

ରଜଦୋଳି ଗୀତ

ଲେଖକ ଓ ପ୍ରକାଶକ:—

ଶ୍ରୀ ମାଗୁଣୀ ମହାପାତ୍ର

ଗ୍ରା:—ବୋଦାପଡ଼ା, ପୋ:- ନୟାଗଡ଼,

ଜି:—ପୁରୀ,

ମୂଲ୍ୟ ଛ' ପଇସା

ରେକର୍ଡ

ରଜଦୋଳି ଗୀତ

ବନସ୍ତେ ଡାକିଲା ଗଜ
ବରଷକେ ଅଜ ଲୋ, ଆସିଛି ରଜ,
ଆସିଛି ରଜଲୋ, ଘେନି ନୂଆ ସଜବାଜ ।୧

ବଣିରୁ ଛାଡ଼ିଲା ଗ୍ରେପା
ଗୋଡ଼ରେ ନାଲଛୁ ସରୁ ଅଲତା,
ସରୁ ଅଲତା ଲୋ, ମଥାରେ ସିନ୍ଦୁର ଟୋପା ।୨

ଉଡ଼ିଲା ଶୁଆ ନାହାକା
ଦୋଳଥା କାହ୍ନୁଁକ ଲାଗୁଛି ଏକା,
ଲାଗୁଛି ଏକା ଲୋ, ଝୁଲଅ ପାହୁ ଦନ ଏକା ଏକା ॥

ପାଚିଲା ବଇଁଚ କୋଳ
ବେକରେ ନାଇଛୁ ଗଜରା ମାଳ,
ଗଜରା ମାଳ ଲୋ, ଝୁଲଅ ରଜରେ ଦୋଳି ।୩

ପଣସ ପାଚିଲା ବନେ

ବନ ପୋଡ଼ିଗଲେ ତୋ ଦୁନିଆ ଜାଣେ,
ଦୁନିଆ ଜାଣେ ଲୋ, ମନକଥା କିଏ ଜାଣେ ।୫।
ଖଣ୍ଡ ମଲମଲ ଗିନା
ଦରଦ ବୁଝିଲେ ଦରଦୀ ସିନା,
ଦରଦୀ ସିନା ଲୋ, ବଣିଆ ଗଢ଼େଇଛି ସୁନା ।୬।
ନିମ୍ବର ବୃକ୍ଷେ ଚନ୍ଦନ
ଦେବତା ଗଢ଼ିଲା ନାରୀ ଜୀବନ,
ନାରୀ ଜୀବନ ଲୋ, ଦେଲା ତହିଁ ଯଉବନ ।୭।
କେମଣା ଛାଡ଼ିଲା ବାତ
ପୁରୁଷ ଜିନା ଲୋ ଭଅଁର ଜାତ,
ଭଅଁର ଜାତ ଲୋ, ନୂଆରେ ରସନ୍ତି ନିତ ।୮।
ଚନ୍ଦରେ କଳଙ୍କ ଚିହ୍ନ
ନବ ଯଉବନୀ ଲୋ, ଛଅଁ ଗୁମାନ
ଛଅଁ ଗୁମାନ ଲୋ, ଅଇଲେଣି ଜୀବଧନ ।୯।
ପୋଖରୀ ତୁଠ ପଥର
ତଳେ ଦେଖିଥିଲି ରେ ବାଲିବନ୍ଦର
ବାଲିବନ୍ଦର ରେ, ଅଛି ଥିଲା ଏଣେ ତୋର ।୧୦।

ସାହାଡ଼ା ଗଛର ଛାଲି
ସେ ଦିନ କଥାକୁ ତୋ ମନେ ନାହିଁ
ତୋ ମନେ ନାହିଁଲେ, ଏତେ ମାନ କାହିଁପାଇଁ ।୧୧।
ଖୋସାରେ ଖୋସିଲ ଫୁଲ
କେତେ ତୁ ଦେଖାଉ ନୁଖୁରୁ ଗେଲ
ନୁଖୁରୁ ଗେଲ ରେ, ଭାଙ୍ଗି ନାହିଁ ଦୁଧଗାଲ ୧୨
ନଈରେ ଶୁଖିଲା ବାଲି
କେତେ ଫୁଲି ହେଉଲେ ଫୁଟୁକି ଗାଲି
ଫୁଟୁକି ଗାଲି ଲୋ, ଦେଖାଉଛୁ କେତେ ବେଲି ।୧୩
ବାଜିଲା ତେଲଙ୍ଗୀ ବାଜା
ରସିକ ଯେ କାରଣ ସ୍ନେହର ମଜା,
ସ୍ନେହର ମଜାରେ, ସେ ସିନା ମୋ ମନରଜା ୧୪
ଦୂର ପରବତ ଶୋଭା
କାଞ୍ଚନ ଫୁଲରେ ମଣ୍ଡିଛୁ ଗନ୍ଧ,
ମଣ୍ଡିଛୁ ଗନ୍ଧ ଲୋ, ସେତ ଯୁବା ମନ ଲୋଭ ।୧୫।
ପାଣିରେ କାଟିଲ ଗାର
ଟୋଡପର୍ ଦେଖିଛୁ କେତେ ନାଗର

କେତେ ନାଗରରେ, ଗୋଡ଼ଧୂଲି ସରନୁହେ ମୋର ।
ବାଙ୍ଗଲ୍ ମହୁଲ୍ ବଣ
ନାକଟେଙ୍କି କେତେ କହୁ ତୁ ଛାଣି ଲୋ
କହୁ ତୁ ଛାଣି ଲୋ, ଭାଙ୍ଗିଯିବ ସଙ୍ଗପଣ ।୧୭।
ବୟସ ବାର ତେଏର
କାହିଁ ଶିଖିଲୁ ତୁ ଏତେ ନାଗର ।
ଏତେ ନାଗରରେ, ଅଛିତ ବୟସ ତୋର ।୧୮।
ଘାସ୍ ଖାଇଗଲା ଧାନ
ତୁମେ କି ବୁଝିବ ଆମର ମନ
ଆମର ମନ ଲୋ, ସହୁ କେତେ ଗ୍ଲାନମାନ ।୧୯।
ଘାସରେ ମାଇ କାକର
କଥାରେ ପାଣିରେ ପକାଉ ଘର
ପକାଉ ଘରରେ କଥାରେ, ରହୁଛୁ ଫେର ।୨୦
ସମ୍ବଲପୁରଅ ଭୁଲ
ଥିଉ ଥିଉ କଉ ଦୋଳକି ଝୁଲ
ଦୋଳକି ଝୁଲି ଲୋ, ବାଷ ତୋର ଉଡ଼ିଗଲା ।୨୧।
ଜମୁନା ଗୁଡ଼ିଲ ଚୁନା

କେତେ ଝାଡ଼ୁଲଚୁରେ ଢାଳିଆ ସୁନା
ଢାଳିଅସୁନାରେ, ମୋ ଅଙ୍ଗକୁ ଥରେ ଅନା ।୨୧।
ବଣରେ ଫୁଟିଲା ମଲ୍ଲି
ରସରେ ଭରିଛୁ ନବ ଛଇଲ
ନବ ଛଇଲଲେ, ରଙ୍ଗିବୁନି ମୋର ଅଲି ।୨୨।
ବଇଡ ଗଛର ଅଠା
ଭୁନି ଭୁନି ବହରେ ନବର ହଟା
ନବର ହଟାରେ, ସବୁରାତ ଫଳ ମିଠା ।୨୩।
ପହିଲି ରଙ୍ଗର ଦୋଳି
ତୋର ଭୁଲେ ସହି ଲୋ ସବୁ ବଙ୍କାଳି
ସବୁ ବଙ୍କାଳିଲେ, ଖେଳିବି ମୁଁ ଅଜି ଦୋଳି ।୨୪।
ଫୁଟିଲି ବନେ ମାଳତୀ
ଦଗାଦାର ଝିନା ଗୋ ସୁରୁଷ ଜାତି
ସୁରୁଷ ଜାତି ଗୋ, ଶାତ ନୂଆ ଖୋଜୁଥାନ୍ତି ।୨୫।
ବୁଲିଛି ବନେ ହରଣୀ
ହସି ଗୀତ ଗାଇଲେ ନବ ରଙ୍ଗିଣୀ
ନବ ରଙ୍ଗିଣୀ ଲୋ, ପଥର ହୁଅଇ ପାଣି ।୨୬।

ଜରଣ୍ଣ ପଡର ନାଲି
ମନଭୁଲା ସ୍ୱିଡଟି ଜାଣିଛ ଖାଲି
ଜାଣିଛ ଖାଲି ଗୋ, ମୋ ଛଡ ଢଣିବ ବୋଲି ।୨୮
ସମ୍ବଲ ସୁବ୍ରଅ ଶାଢୀ
ନାଲି ନାଲି ଡୋର ଲୋ ହାତ ପାପୁଲି
ହାତ ପାପୁଲି ଲୋ, ଦେଖି ମୁଁ ଜୀବନ ଦେଲି ।୨୯।
କାଠଯୋଡ଼ ନୂଆ ପୋଲ
ଭଲ ଲାଗୁନାହିଁ ଭ୍ରମର ଗେଲ
ଭ୍ରମର ଗେଲ ଗୋ, ଜରନା ଅଡ଼ ଜଷାଳ ।୩୦।
ଜଳ ପାଣିରେ ଜାହାଜ
ଜାଲିଜ ନ ଥିବ ଅଜ ମଉଜ
ଅଜ ମଉଜ ଲୋ, ଅଜ ଯା ପାହୁଲ ରଜ ।୩୧।
ହାଟ ଭଙ୍ଗେ ବରହାଳି
ଦନଷାରେ ଭର ମୋସଙ୍ଗେ ଗୋଲ
ମୋ ସଙ୍ଗେ ଗୋଲ, ହସିବେ ସଙ୍ଗିନୀ ଦଳ ।୩୨।
ବଣରେ ଫୁଟିଲ ମଲ୍ଲୀ
ଜାହାଠାରୁ ଶିଖିଛ ଏ ନୂଆ ଗୁଲ

ଏ ନୂଆ ଗୁଲ୍ ଲୋ, ଖେଳୁଛୁ ବାଜି ଖିଅଲ ।୩୩।
ନଇରେ ଗୁଲେ ବାଳିଆ
ମୁଁ ତ ସୁନାଗୋଷ୍ଠି ତୁମ୍ଭେ କାଳିଆ
ତୁମେ କାଳିଆ ଗୋ, ନାଗାରୁପ ରଙ୍ଗଲଧାରୀ ।୩୪।
କିଅ ଫୁଟି ଛୁଟେ ବାସ
ତୋ ନାଲ୍ ଓଠରେ ମୁରୁକି ହସ
ମୁରୁକି ହସ ଲୋ, ହସି ମତେ କଲୁ ବସ ।୩୫।
ତୋଟାରେ ଡାକେ କୋଇଲି
ଭାବଛବ ମୋତେ ଗୋ କିଣା ପୋଇଲି
କିଣା ପୋଇଲି ରେ, ଶୁଣିବ ଏଣିକି ଗାଳି ।୩୬।
ନଇରେ କୁଆର ପାଣି
ଅସ ଅସ ମୋର ଗୋ ସୁଲଇ ରାଣି
ସୁଲଇ ରାଣୀ ଲୋ, ଖେଳିବା ଯେବ ଫୁଲଣୀ ।୩୭।
ଯାଉଛି ବଡ଼ା ଜାହାଜ
ମୋତେ ଛାଡ଼ି ତୁମେ ଗୋ କର ମଉଜ
କର ମଉଜ ଲୋ, ମୋଡେ ମାରୁଅଛ ଲାଜ ।୩୮। ସମାପ୍ତ

ବ୍ରହ୍ମପୁର ରାଧାକୃଷ୍ଣ ପ୍ରେସ୍‌ରେ, ଶ୍ରୀ ମଙ୍ଗୁଳୁ ସାହୁଙ୍କ
ଦ୍ୱାରା ମୁଦ୍ରିତ, ୧୯୫୨